ଶନିବାର, ୯ ଅଗଷ୍ଟ, ୨୦୨୫

# ପିଲାଙ୍କ ଧରିତ୍ରୀ



## ଖିଲି ଖିଲି ହସ

ଶିକ୍ଷକ କ୍ଲାସରେ ପିଲାଙ୍କୁ ପଢ଼ାଉଥିବା ସମୟରେ ପିଲାଙ୍କୁ ପ୍ରଶ୍ନ ପଚାରିଲେ– ଆଚ୍ଛା ପିଲାମାନେ କହିଲ ପୃଥିବୀର ସବୁଠାରୁ ପୁରୁଣା ଜୀବ କିଏ ?
ରୋହନ – ସାର୍‌, ଜେବ୍ରା ।
ଶିକ୍ଷକ : କେମିତି ?
ରୋହନ୍‌ : ସାର୍‌, ସେ ତ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ନା ସେଥିପାଇଁ।

(ମା’– ପୁଅ ମଧ୍ୟରେ କଥାବାର୍ତ୍ତା)
ମା: ଆରେ, ପୁଅ ଉଠିଯା’ ସକାଳ ହୋଇଗଲାଣି, ସୂର୍ଯ୍ୟ କେତେବେଳୁ ଆସିଲାଣି।
ପୁଅ: ହଉ ଆସୁ, ସେ ତ ମୋଠାରୁ ଜଲ୍‌ଦି ଶୋଇପଡୁଛି ନା !

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# ରାଖୀ ଉପହାର

**ଗପ**

ନିଜ ଫ୍ଲାଟ୍‌ର ଲିଫ୍ଟରେ ତଳକୁ ଆସୁଥିବା ସମୟରେ ନେହା ତା’ମାଆଙ୍କୁ ଉଦାସ ହୋଇ କହିଲା, ମୋର କେହି ଭାଇ ନାହାନ୍ତି, ତା’ ହେଲେ ମୁଁ କାହାକୁ ରାଖୀ ବାନ୍ଧିବି ? ଆରେ କୋରିୟର କରି ଦେ ଆହାନକୁ, ନେହାର ମାଆ ତା’ଭାଇର ପୁଅ ପାଖକୁ ରାଖୀ ପଠେଇବା ପାଇଁ କହିଲେ।

ଏଥିରେ ସେହି ମଜା କେଉଁଠି ଅଛି, କୋରିୟରରେ ରାଖୀ ପଠାଅ, ଆଉ କୋରିୟରରେ ଗିଫ୍ଟ ଆସିବ ଘରକୁ ଏ ସବୁରେ ସେ ମଜା ନାହିଁ ବୋଲି ନେହା କହିଲା। ଆଉ ପୁଣି ଥରେ ମନଦୁଃଖରେ ଚୁପ୍ ହେଇଗଲା। ଏହି ସମୟରେ ଲିଫ୍ଟ ଆଉ ଗୋଟିଏ ଫ୍ଲାଟରେ ଯାଇ ରହିଲା। ସେଠି ଜଣେ ମହିଳା ଆଉ ତାଙ୍କର ସାତବର୍ଷର ପୁଅ ରୋହନ ଲିଫ୍ଟ ଭିତରେ ପଶିଲେ। ଲିଫ୍ଟ ପୁଣି ଥରେ ତଳକୁ ଯିବାକୁ ଲାଗିଲା। ମା’ ପୁଅ ସେମାନଙ୍କ ସାଙ୍ଗରେ କଥା ହେଲେ। ଆଉ ନେହା କେଉଁ କଥା ପାଇଁ ଏତେ ଉଦାସ ଅଛି ବୋଲି ପଚାରିଲେ। ନେହାର ମାଆ କହିଲେ, ଯାକୁ ଭାଇ ଦରକାର ରାଖୀ ବାନ୍ଧିବା ପାଇଁ, ନେହାର ମାଆ ହସିହସି କହିଲେ। ଆଣ୍ଟି କୋରିୟରରେ ରାଖୀ ପଠେଇବା ଆଉ ଗିଫ୍ଟ କୋରିୟରରେ ଆସିବ ସେଥିରେ କ’ଣ ମଜା ଆସିଥାଏ, ଏକଥା ନେହା ଆଣ୍ଟିଙ୍କୁ କହିଲା । ଆଣ୍ଟି ଏକଥା ଶୁଣି କହିଲେ ଠିକ୍ ଏହିଭଳି ଅଭିଯୋଗ ମୋ ପୁଅ ରୋହନ ମଧ୍ୟ କରେ.. ଆଣ୍ଟି ରୋହନ ଆଡେ ଇଙ୍ଗିତ କରି କହିଲେ। ତା’ହେଲେ ଗୋଟିଏ କାମ କର ତୁମେ ଦୁଇ ଜଣ ରକ୍ଷାବନ୍ଧନ ଦିନ ଏକାଠି ହୋଇଯାଅ ନେହାର ମା’କହିଲେ। ତା’ପରେ ଦୁହେଁ ପ୍ରତ୍ୟକ୍ଷ ରାଖୀ ବାନ୍ଧି, ପରସ୍ପରକୁ ମିଠା ଖୁଆଅ ଆଉ ଉପହାର ଦିଅାନିଆ କର, ଏକଥା ଆଣ୍ଟି କହିଲେ। ଏହି କଥା ଶୁଣି ନେହା ଆଉ ରୋହନର ଆଖିରେ ଖୁସିର ଚମକ ଖେଳିଗଲା। ଆଉ ଉଭୟ ରାଖୀ ବାନ୍ଧିବା ବାନ୍ଧିବା ନେଇ କଥାବାର୍ତ୍ତା ହେବାକୁ ଲାଗିଲେ। ।

ମୂଳହିନ୍ଦୀ– **ବିନୟ କୁମାର ପାଠକ**
ଅନୁବାଦ– **ମନୋଜ କୁମାର ବେହେରା**
ୟୁନିଟ୍–୯, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

# କେତେ ଭଲ ପଇଡ଼ ପାଣି !

ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ ପଇଡ଼ ପାଣି। ଏକଥା ସମସ୍ତେ ଜାଣନ୍ତି। ହେଲେ ଏମିତି କେତେଜଣ ଅଛନ୍ତି ଯେଉଁମାନଙ୍କ ପାଇଁ ଏହା ଭଲ ହୋଇ ନ ପାରେ। ଜାଣନ୍ତୁ ଏ ସମ୍ପର୍କରେ।

ପଇଡ଼ ପାଣିକୁ ଏକ ସୁପର ଡ୍ରିଙ୍କ ଭାବରେ ଗ୍ରହଣ କରାଯାଏ। ଏଥିରେ କମ୍ କ୍ୟାଲୋରି ଥାଏ ଓ ଇଲେକ୍ଟ୍ରୋଲାଇଟ୍ ଅଧିକ ରହିଥାଏ। ତ୍ୱଚାର ବିଭିନ୍ନ ସମସ୍ୟା ଭଲ କରିବା, ହଜମ କରିବା ସହିତ ଶରୀର ପାଇଁ ଏଥିରେ ଅନେକ ଉପାଦେୟତା ରହିଛି। ଏସବୁ ଉପକାର ସତ୍ତ୍ୱେ କେତେକଙ୍କ ସ୍ୱାସ୍ଥ୍ୟ ପାଇଁ ଏହା କ୍ଷତିକାରକ ହୋଇପାରେ।



– ପ୍ରଥମ କଥା ହେଉଛି ଡାଏବେଟିସ୍ ରୋଗୀ ଏହାକୁ ପ୍ରଚୁର ମାତ୍ରାରେ ପିଇବା ଠିକ୍ ନୁହେଁ। କାରଣ ଏଥିରେ ପ୍ରାକୃତିକଭାବେ ମିଠାପଣ ବି ରହିଥାଏ। ୨୦୦ ଗ୍ରାମ୍ ପଇଡ଼ ପାଣିରେ ୬–୭ ଗ୍ରାମ୍ ସୁଗାର ରହିଥାଏ। ଯଦିଓ ଅନ୍ୟ ଫଳ ଜୁସ୍ ତୁଳନାରେ ଏଥିରେ କମ୍ ସୁଗାର ରହିଥାଏ ତଥାପି ଅଧିକ ସୁଗାର ଥିବା ରୋଗୀଙ୍କ ପାଇଁ ଏହା ରକ୍ତରେ ଶର୍କରା ବୃଦ୍ଧି କରିପାରେ।

✪ ପଇଡ଼ ପାଣି ପିଇଲେ ଯେଉଁମାନଙ୍କର ଆଲର୍ଜି ସମସ୍ୟା ଦେଖାଦିଏ ସେମାନେ ମଧ୍ୟ ଏହାକୁ ପିଇବା ଉଚିତ ନୁହେଁ।

✪ କିଡ୍‌ନୀ ସମସ୍ୟା ଥିଲେ ବି ଏହା ଗ୍ରହଣ କରିବା ଠିକ୍ ନୁହେଁ। କାରଣ ଏଥିରେ ପୋଟାସିୟମ୍‌ର ମାତ୍ରା ବହୁତ ଅଧିକ ରହିଥାଏ, ତେଣୁ କିଡ୍‌ନୀ ଫିଲଟର କରିବାରେ ସମସ୍ୟା ଦେଖାଦିଏ।

✪ ଯେଉଁମାନେ ଉଚ୍ଚ ରକ୍ତଚାପର ଶିକାର ହୋଇଛନ୍ତି ସେମାନେ ମଧ୍ୟ ଏହାଠାରୁ ଦୂରେଇ ରହିବା ଭଲ। ଏଥିରେ ଥିବା ପୋଟାସିୟମ୍‌ର ମାତ୍ରା ବେଳେବେଳେ ବିପି ମେଡିସନ୍ ସହ ମିଶି ଶରୀରର କ୍ଷତି କରିପାରେ।

✪ ଥଣ୍ଡା ଶର୍ଦ୍ଦି ହୋଇଥିବା ବ୍ୟକ୍ତି ମଧ୍ୟ ଏହା ସେବନ କରିବା ଠିକ୍ ନୁହେଁ।


## ଗାଡ଼ାଗାଡ଼

▶▶ ଏଥର ଆଇନାରେ ପ୍ରକାଶିତ କାଉଡିଆ ଫଟୋଟି ସୁନ୍ଦର ହୋଇଥିଲା।
–**ପୂଜାରାଣୀ ରାଉତ, ରାଉରକେଲା**

▶▶ ‘ଚେଷ୍ଟା’ ଗଳ୍ପଟି ଶିକ୍ଷଣୀୟ ହୋଇଛି।
– **ରୋହନ ସାହୁ, ବାଲିଅନ୍ତା,ଖୋର୍ଦ୍ଧା**

▶▶ ଜଣା ଅଜଣା ପୃଷ୍ଠାରେ ପ୍ରକାଶିତ ମହାକାଶରେ ମହାକାଶଚାରୀ କିପରି ରୁହନ୍ତି ସେ ସମ୍ପର୍କରେ ଜାଣିହେଲା, ପତକାରେ ମନ୍ଦିର ଚିତ୍ର ଏବଂ ନେପାଳର ପରିଚୟ ପତ୍ର ସମ୍ପର୍କରେ ଅଧିକ କଥା ଜାଣିବାକୁ ପାଇଲି।
–**ତୁଷାର ଦାସ, ଗଞ୍ଜାମ, ଗଜପତି**

## ରଙ୍ଗ ଦିଅ





# ପବିତ୍ର ବନ୍ଧନ

**ଭାଇ-ଭଉଣୀର ପବିତ୍ର ସମ୍ପର୍କର ସାକ୍ଷୀ ହେଉଛି ରାଖୀ। ଏହି ଦିନ ଭାଇ ହାତରେ ରାଖୀ ବାନ୍ଧିବାକୁ ଉତ୍ସୁକତାର ସହ ଭଉଣୀ ଅପେକ୍ଷା କରିଥାଏ। ଏଥର ଏହାକୁ କେତେଜଣ ଛାତ୍ରୀଛାତ୍ର କିପରି ପାଳନ କରିବାକୁ ଯୋଜନା କରିଛନ୍ତି ସେ ବିଷୟରେ...**

ଆଜି ରାଖୀ ପୂର୍ଣ୍ଣିମା। ବିଶେଷ ଭାବରେ ଭଉଣୀମାନେ ଏହି ଦିନକୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଥାଆନ୍ତି। ଭାଇ-ଭଉଣୀର ପବିତ୍ର ସମ୍ପର୍କର ସାକ୍ଷୀ ହେଉଛି ଏହି ପର୍ବ। ଭାଇ ହାତରେ ରାଖୀ ବାନ୍ଧି ତାହାର ଆଶୀର୍ବାଦ କାମନା କରିଥାଏ ଭଉଣୀ। ଏହି ପର୍ବ ଭାଇ-ଭଉଣୀର ସମ୍ପର୍କକୁ ଆହୁରି ମଜଭୁତ କରିଥାଏ। ଭାଇ ସବୁବେଳେ ଭଉଣୀର ସୁରକ୍ଷା କବଚ ଭାବରେ ଠିଆ ହୁଏ। ଉକ୍ତ ପର୍ବର ଇତିହାସ ବହୁତ ପୁରୁଣା। ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ହାତରେ ନିଜ ଲୁଗା ଚିରି ବାନ୍ଧି ଦେଇଥିଲେ ଦ୍ରୌପଦୀ। ଆଉ ଯେତେବେଳେ ଦ୍ରୌପଦୀଙ୍କ ବସ୍ତ୍ରହରଣ କରାଗଲା, ସେତେବେଳେ ସେ ତାଙ୍କୁ ସୁରକ୍ଷା ଦେଇଥିଲେ। ଏହାକୁ ରାଖୀର ପ୍ରତୀକ ଭାବରେ ଗ୍ରହଣ କରାଯାଇଥାଏ। କେବଳ ଆମ ରାଜ୍ୟ ନୁହେଁ, ସମଗ୍ର ଦେଶରେ ଏହା ହେଉଛି ଅନ୍ୟତମ ପ୍ରମୁଖ ପର୍ବ। ଏହି ପର୍ବରେ ରାଖୀବନ୍ଧା ବ୍ୟତୀତ ଘରେ ଘରେ ପିଠାପଣାର ଆସର ଜମିଥାଏ। ଏଥର ରାଖୀପୂର୍ଣ୍ଣିମା ଅବସରରେ ପିଲାମାନେ କ'ଣ ଯୋଜନା କରିଛନ୍ତି ସେ ବିଷୟରେ ଯାହା କହନ୍ତି...

## ପରିବେଶ ସୁରକ୍ଷା ଉପରେ ରାଖୀ ପ୍ରସ୍ତୁତ କରିଛି



ରାଖୀପୂର୍ଣ୍ଣିମା ଦିନ ମୋ ଭାଇ ହାତରେ ଏଭଳି ଏକ ରାଖୀ ବାନ୍ଧିବି, ଯେଉଁଥିରେ ସମାଜ ପାଇଁ କିଛି ବାର୍ତ୍ତା ଥିବ। ଏଥର ଏହି ରାଖୀଟିକୁ ନିଜ ହାତରେ ପ୍ରସ୍ତୁତ କରିଛି। ବର୍ତ୍ତମାନ ପରିସ୍ଥିତିରେ ପରିବେଶ ସୁରକ୍ଷା ଅପରିହାର୍ଯ୍ୟ ହୋଇପଡ଼ିଛି। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସଚେତନତା ସୃଷ୍ଟି କରିବା ଲାଗି ଏହା ମୋର ଏକ ଛୋଟ ଚେଷ୍ଟା। ବେଶ୍ କିଛି ଦିନ ଚିନ୍ତା କରିବା ପରେ ପରିବେଶ ଉପରେ ରାଖୀଟିଏ ତିଆରି କରିବାକୁ ମନସ୍ଥ କରିଥିଲି। ହେଲେ ଏ ବିଷୟରେ ମୋ ଭାଇକୁ କିଛି ପୂର୍ବ ସୂଚନା ଦେଇନି। ଏହା ନିଶ୍ଚୟ ତା' ପାଇଁ ଏକ ସରପ୍ରାଇଜ ହେବ। ତା' ସହ ଏହି ଦିନ ଆମେ କେଇଜଣ ସାଙ୍ଗ ଭୋଜି କରିବାକୁ ମଧ୍ୟ ସ୍ଥିର କରିଛୁ।

– **ଶୁଭସ୍ମିତା ପାତ୍ର,** କ୍ଲାସ-୭, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବିଜିପୁର, ବ୍ରହ୍ମଗିରି,ପୁରୀ

## ପୁରୀ ବୁଲିବାକୁ ଯିବୁ



ଏଥର ରାଖୀପୂର୍ଣ୍ଣିମାରେ ରାଖୀ ବାନ୍ଧିବା କାମ ସକାଳୁ ଶେଷ କରିବି। ତେଣୁ ସକାଳୁ ଉଠି ଗାଧୋଇ ପାଧୋଇ ରେଡି ହୋଇଯିବି। ଏହା ପରେ ଭଉଣୀ ମୋ ହାତରେ ରାଖୀ ବାନ୍ଧିବ। କାରଣ ଏହି ପବିତ୍ର ଦିନରେ ଆମେ ସପରିବାର ପୁରୀ ଯିବାକୁ ସ୍ଥିର କରିଛୁ। ତେଣୁ ସକାଳୁ ସକାଳୁ ଆମେ ବାହାରିଯିବୁ। ଭଉଣୀ ମୋ ହାତରେ ରାଖୀ ବାନ୍ଧିବା ପରେ ତାକୁ କିଛି ଗିଫ୍ଟ ନିଶ୍ଚୟ ଦେବି। ଆଉ ତା'ପରେ ଆମେ ଭାଇ-ଭଉଣୀ ପରିବାର ସହ ଜଗା ଦର୍ଶନ ପାଇଁ ବାହାରିଯିବୁ। ସେଠାରେ ଜଗତର ନାଥ ଜଗନ୍ନାଥ, ମା' ସୁଭଦ୍ରା ଏବଂ ବଡ଼ ଠାକୁର ବଳଭଦ୍ରଙ୍କୁ ଦର୍ଶନ କରି ତାଙ୍କର ଆଶୀର୍ବାଦ ନେବି। ମୋ ଭଉଣୀ ଯେମିତି ସବୁବେଳେ ଖୁସିରେ ରୁହେ, ସେ ନେଇ ମଧ୍ୟ ପ୍ରାର୍ଥନା କରିବି। ଏଥର ରାଖୀପୂର୍ଣ୍ଣିମା ନିଶ୍ଚୟ ମୋ ପାଇଁ ସ୍ପେଶାଲ ହୋଇ ରହିବ।

–**ସାଣ୍ଡିଲ୍ୟ ମହାପାତ୍ର,** କ୍ଲାସ-୮, ଡିଏଭି ପବ୍ଲିକ ସ୍କୁଲ, ଇଫ୍‌କୋ, ପାରାଦୀପ, ଜଗତ୍‌ସିଂହପୁର

## ମୋ ପସନ୍ଦର ଉପହାର ପାଇଛି



ପ୍ରତିବର୍ଷ ରାଖୀରେ ମୋ ଭାଇ ମୋତେ କିଛି ନା କିଛି ଗିଫ୍ଟ ଦେଇଥାଏ। ହେଲେ ଏଥର କିଛି ସ୍ପେଶାଲ ଗିଫ୍ଟ ଦେବ ବୋଲି ସେ ସ୍ଥିର କରିଥିଲା। ବାପା ଦେଉଥିବା ପକେଟମନିରୁ ସଞ୍ଚୟ କରି କିଛି ଟଙ୍କା ରଖିଥିଲା। ଆଉ ସେହି ଟଙ୍କାରେ ମହାପୁରୁଷଙ୍କ ଜୀବନୀକୁ ନେଇ ବହିଟି କିଣିଥିଲା, ଯାହାକୁ ସେ ମୋତେ ଏଥର ରାଖୀରେ ଉପହାର ଦେଇଛି। ଏହି ବହିଟି ମୋ ଲାଗି ବେଶ୍ ଉପଯୋଗୀ ହେବ। କେବଳ ସେତିକି ନୁହେଁ, ନିଜ ଭବିଷ୍ୟତ ଗଢ଼ିବାରେ ଏହି ବହିଟି ମୋତେ ନିଶ୍ଚୟ ସାହାଯ୍ୟ କରିବ। ଏହି ପର୍ବରେ ଘରେ ପିଠାପଣା ହୁଏ। ରାଖୀବନ୍ଧା ପର୍ବ ଶେଷ ହେବା ପରେ ଆମେ ମିଶି ମିଠା , ପିଠା ଖାଇ ମଜା କରିବୁ। ଆଶା ରଖିଛି, ଏଥର ରାଖୀ ଆମ ଦୁଇଜଣ ପାଇଁ ସ୍ମରଣୀୟ ହୋଇ ରହିବ।

–**ସୁସ୍ମିତା ଦାସ,** କ୍ଲାସ-୭, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବଡମ୍ବା, କଟକ

## ଏଥର ଭୋଜି କରିବୁ



ଏଥର ରାଖୀକୁ ମନେରଖିବାକୁ ଆମେ ଏକ ଯୋଜନା କରିଛୁ। ଆମ ପଡ଼ୋଶୀ ସାଙ୍ଗଙ୍କ ସହ ମିଶି ଘରେ ଏକ ଗେଟ୍ ଟୁଗେଦର ଆୟୋଜନ କରିଛୁ। ଏଇଠି ଆମେ କେଇଜଣ ଭାଇ ଏକାଠି ହେବୁ। ଆଉ ଆମ ଭଉଣୀମାନେ ଆମ ହାତରେ ରାଖି ବାନ୍ଧିବେ। ଆଉ ତା'ପରେ ମିଠାଖିଆ ପର୍ବ। ଆଉ ଖରାବେଳେ ସମସ୍ତେ ମିଶି ଏକ ଭୋଜିର ଆୟୋଜନ କରିଛୁ। କେବଳ ସେତିକି ନୁହେଁ, ଉପରବେଳା ସମସ୍ତେ ଏକାଠି ହୋଇ ଆମ ଗାଁ ପାଖରେ ଥିବା ମେଳା ବୁଲିବାକୁ ଯିବୁ। ସେଠାରେ ଢେର ମଜା ହେବ। ଏଥରର ରାଖୀପୂର୍ଣ୍ଣିମା ନିଶ୍ଚୟ ମୋର ସବୁଦିନ ପାଇଁ ମନେରହିବ।

–**ରାମ କିଙ୍କର ମହାପାତ୍ର,** କ୍ଲାସ-୧୦, ନାନପୁର ଉଚ୍ଚ ବିଦ୍ୟାଳୟ, ନାନପୁର, କଟକ





**୧ ଶ୍ରୀନିଧୀ ଦେଓ**
କ୍ଲାସ– ୩,
ବିଜେଇଏମ୍–୧
ସ୍କୁଲ, ଭୁବନେଶ୍ୱର



**୨ ଅଭିସୁମତ ସାମଲ**
କ୍ଲାସ–୪, ପ୍ରଭୁଜୀ ଇଂଲିଶ
ମିଡିୟମ ସ୍କୁଲ,
ଭିଏସ୍ଏସ୍ ନଗର,
ଭୁବନେଶ୍ୱର



**୩ ପିଉ ପ୍ରିୟଦର୍ଶିନୀ ସାମଲ**
କ୍ଲାସ– ୪, ଡାଫୋଡିଲ୍
ଇଂଲିଶ ମିଡିୟମ୍ ସ୍କୁଲ,
ମାର୍ଶାଘାଇ, କେନ୍ଦ୍ରାପଡା



**୪ ଅନିଶା ମିଶ୍ର**
କ୍ଲାସ–୨, ଜିନିଅସ୍
ଇଂଲିଶ ମିଡିୟମ୍
ସ୍କୁଲ, ମୁଣ୍ଡୁଳି, କଟକ



**୫ ହାସିନା ଶବର**
କ୍ଲାସ– ୬,
ସରକାରୀ ଉ.ପ୍ରା.
ବିଦ୍ୟାଳୟ,
ଶୁକ୍ଳିମୁଣ୍ଡି, ନୂଆପଡା



**୬ ଅମ୍ରିତ ସାହୁ**
କ୍ଲାସ– ୫, ଚନ୍ଦନ
ମଣ୍ଡପ ସାହି, ପ୍ରାଥମିକ
ବିଦ୍ୟାଳୟ, ଇନ୍ଦିପୁର,
ଢେଙ୍କାନାଳ



**୭ ସାତ୍ୱିକା ନନ୍ଦ**
କ୍ଲାସ–୩,
ବିଜେଇଏମ୍ ୧
ସ୍କୁଲ, ଭୁବନେଶ୍ୱର



**୮ ସୁମଗ୍ନା ଦାଶ**
କ୍ଲାସ–୪, କ୍ରୀଷ୍ଣମୂର୍ତ୍ତି
ୱାର୍ଲଡ ସ୍କୁଲ, ଜରିପଡା,
ପ୍ରତାପ ନଗରୀ,
କଟକ




**୯ ଘନିଶ କୁମାର ବେହେରା**
କ୍ଲାସ–୧, ପବ୍ଲିକ
ସ୍କୁଲ, ଛତ୍ରପୁର,
ଗଞ୍ଜାମ



**୧୦ କୁମାର ସାହୁ**
କ୍ଲାସ– ୮, କଳମ୍ବ ଉଚ୍ଚ
ପ୍ରାଥମିକ ବିଦ୍ୟାଳୟ,
ପୋଲସରା, ଗଞ୍ଜାମ



**୧୧ ଉଷାରାଣୀ ରଇତ**
କ୍ଲାସ–୯, ସରକାରୀ
ଉଚ୍ଚତର ମାଧ୍ୟମିକ
ବିଦ୍ୟାଳୟ, ରାମଗିରି,
ଗଜପତି




୧




୨




୩



୪




୫



୬



୭




୮




୯



୧୦



୧୧

# ଏଥରର



- ଆଜାଦ ହିନ୍ଦ ଫୌଜ କେଉଁଠାରେ ଗଠନ ହୋଇଥିଲା ?
- ଗୁପ୍ତ ବଂଶର କେଉଁ ଶାସକଙ୍କୁ ଭାରତର ନେପୋଲିୟନ୍ ବୋଲି କୁହାଯାଏ ?
- ଆଇନ-ଇ-ଆକବରୀ' କିଏ ରଚନା କରିଛନ୍ତି ?
- ଭାରତୀୟ ସମ୍ବିଧାନ ସର୍ବସମ୍ମତିକ୍ରମେ କେବେ ଗୃହୀତ ହୋଇଥିଲା ଓ କେବେ ଲାଗୁ କରାଯାଇଥିଲା ?
- କେଉଁ କମିଟି ଭାରତରେ ପଞ୍ଚାୟତିରାଜ ଆରମ୍ଭ କରିବା ପାଇଁ ସୁପାରିସ କରିଥିଲେ ?

## ଗତଥରର




- ବ୍ରାଜିଲ
- ଅଷ୍ଟ୍ରିଚ୍
- ହମିଙ୍ଗ୍ ବାର୍ଡ
- ଲାକ୍ଟିକ୍ ଏସିଡ୍
- ୪ଟି

# କହିଲ ଦେଖି



ଇଂରେଜ ପାଖରୁ ମୁକୁଳି ଥିଲା
ନିଜ ହାତେ ନିଜେ ଶାସନ କଲା
ସେଦିନୁ ପାଳୁଛି ବିଜୟ ପର୍ବ
ଭାରତ ପାଇଁ କି ଅଟେ ସେ ଗର୍ବ
ଅଗଷ୍ଟ ମାସରେ ପାଳନ ହୁଏ
ନାମଟି ତାହାର କହିବ କିଏ ?

**ଉତ୍ତର : ସ୍ୱାଧୀନତା ଦିବସ**



ସୁଆଣ୍ଡୋ ଗ୍ରାମରେ ଜନମ ହୋଇ
ସ୍ୱାଧୀନତା ପାଇଁ ଲଢ଼ିଲେ ସେହି
ଅହିଂସା ଆନ୍ଦୋଳନରେ ଯୋଗ ସେ ଦେଲେ
ଓଡ଼ିଶାର ଗର୍ବ ଗୌରବ ଥିଲେ
ଉତ୍କଳର ମଣି ଅଟନ୍ତି ସିଏ
ନାମଟି ତାଙ୍କର କହିବ କିଏ ?

**ଉତ୍ତର : ଗୋପବନ୍ଧୁ ଦାସ**



ସେ ପରା ଅଟନ୍ତି ଜାତିର ପିତା
ଦେଇଥିଲେ ସିଏ ଅହିଂସା ବାର୍ତ୍ତା
ଆଖିରେ ଚଷମା ଅଣ୍ଟାରେ ଘଡ଼ି
ଇଂରେଜମାନଙ୍କୁ ଦେଲେ ସେ ତଡ଼ି
ବାପୁଜୀଙ୍କ ନାମେ ପ୍ରସିଦ୍ଧ ଯିଏ
ନାମଟି ତାଙ୍କର କହିବ କିଏ ?

**ଉତ୍ତର : ମହାତ୍ମା ଗାନ୍ଧୀ**

**– ପ୍ରଶାନ୍ତ କୁମାର ନାଥ,** ସୁନ୍ଦରପୁର, ପ୍ରାତିପୁର, ଯାଜପୁର, ମୋ: ୮୩୧୦୩୨୮୩୪୫

# କ ବି ତା

## ଜାତୀୟ ପତାକା

ଜାତୀୟ ପତାକା ତିନୋଟି ରଙ୍ଗର
ଉଡ଼େ ସିଏ ଫରଫର
ଧଳା, ସହିତରେ ନାରଙ୍ଗୀ ସବୁଜ
ଦିଶଇ ଭାରି ସୁନ୍ଦର ।
ସ୍ୱାଧୀନ ହୋଇଛି ଦେଶ ବୋଲି ଆମ
କାନେ କାନେ କହିଯାଏ
ଦେଶର ପ୍ରତୀକ ଅଶୋକ ଚକ୍ରଟି
ମଝିରେ ତାହାର ଥାଏ ।
ସତ୍ୟ, ଅହିଂସା ବୀରତ୍ୱର ଶିକ୍ଷା
ସୂଚାଇ ଦିଏ ଆମକୁ
ତ୍ରିରଙ୍ଗା ପତାକା ଆକାଶେ ଉଡ଼ଇ
ସଲାମ କରିବା ତାକୁ ।
କଶ୍ମୀର ପାଖରୁ କୁମାରିକା ଯାଏ
ଭାରତର ଯେତେ ଲୋକ
ଜନ ଗଣ ମନ ଗୀତ ଗାଇ ଗାଇ
ରଖନ୍ତି ଦେଶର ଟେକ ।
ନାହାନ୍ତି ସିନାରେ ଗାନ୍ଧୀ ଗୋପବନ୍ଧୁ
ଆମରି ପାଖରେ ଆଜି
ଦେଶ ସ୍ୱାଧୀନତା କରିବା ପାଇଁ କି
ଜୀବନ ରଖିଲେ ବାଜି ।

**– ବ୍ରଜେଶ୍ୱରୀ ସିଂହ**
ମୋ: ୯୪୩୮୪୭୯୪୧୧

## ସ୍ୱାଧୀନତା

ତିନି ରଙ୍ଗର ପତାକା ଆମର
ଅଟେ ମୁକତିର କେତ
ଫିରିଙ୍ଗି ଶାସକ ଯାତନା ହେତୁ
ସହିଚେ ପାହାର ବେତ ।
ନାହିଁ ସେ ଶାସନ ନାହିଁ କଷଣ
ନାହିଁ ବାରୁଦର ଗନ୍ଧ
ଆପଣା ନାଆରେ ନାଉରୀ ସାଜି
ଭୁଲିବୁ କପଟ ଛନ୍ଦ ।
ଅହିଂସା ନୀତିରେ କରିବୁ କାମ
ମନେରଖି ସ୍ୱାଧୀନତା
ଭାରତ ମାଆର ଜୟଗୀତିରେ
ଦେଖାଇବୁ ମହାନତା ।

**– ପ୍ରଫୁଲ୍ଲ ଚନ୍ଦ୍ର ବାରିକ**
ମୋ: ୯୦୯୦୩୩୦୮୫୯

## ସୁନାର ଭାରତ ଗଢ଼ିବା

ଏଇଦିନ ଆମେ ପାଇଲେ ମୁକତି
ହଟିଲେ ଫିରିଙ୍ଗି ଦଳ
ଲଢ଼େଇରେ ତାଙ୍କ ବଢ଼େଇ ଭାଙ୍ଗିଲା
ସରିଲା ସାହସ ବଳ ।
ସେଦିନର କଥା ଲିଭିନି ମନରୁ
ହେଲା ଇତିହାସେ ଲେଖା
ଟାଣିହୋଇଗଲା ଏ ମାଟି ଛାତିରେ
ଶାନ୍ତି ସଂହତିର ରେଖା ।
ଦେଶମାଟି ପାଇଁ ଜୀବନକୁ ଦେଇ
କେତେ ଯେ ଶହୀଦ ହେଲେ
ମରି ସେ ଅମର ହୋଇ ଏ ଦେଶକୁ
ଶେଷେ ସ୍ୱାଧୀନତା ଦେଲେ ।
ତ୍ରିରଙ୍ଗା ପତାକା ଉଡ଼ାଇ ଆମେରେ
ପାଳିବା ଜାତୀୟ ପରବ
ମିଳିମିଶି ଗଢ଼ି ସୁନାର ଭାରତ
ସଭିଏଁ କରିବା ଗରବ ।


**– ପ୍ରଶାନ୍ତ କୁମାର ଦାଶ**
ମୋ: ୯୬୬୮୮୨୨୧୯୦

## ସ୍ୱାଧୀନତାର ଆଲୋକ

ଅଗଷ୍ଟ ପନ୍ଦରର ପ୍ରଭାତ
ଜାଗେ ଭାରତର ଚିର ସତ୍ୟ ।
ସ୍ୱାଧୀନତାର ଆଲୋକ ଝଲସେ
ମୁକ୍ତ ହୃଦୟରେ ନୂଆ ଆନନ୍ଦ ।
ଏକତାର ସୂତା ଗୁନ୍ଥିଛି
ଜାତି ଧର୍ମ ମିଳି ଏକ ସଙ୍ଗୀତ ।
ଶାନ୍ତିର ପଥେ ଚାଲୁଛି ଦେଶ
ଅହିଂସା ହେଉଛି ଆମ ବିଶ୍ୱାସ ।
ମାଟିର ଗନ୍ଧ ମନରେ ଜାଗେ
ସଂଘର୍ଷ କାହାଣୀ ହୃଦୟେ ଲାଗେ ।
ବୀରଙ୍କ ତ୍ୟାଗ ଆମ ଗୌରବ
ଚିରକାଳ ରହିଛି ଏ ଅମର ।
ଆଗେ ଚାଲିବା ନୂଆ ସପନେ
ଉନ୍ନତ ଭାରତ ଗଢ଼ିବା ମନେ ।
ମିଳିମିଶି ଆମେ ଗାଇବା ଗୀତ
ସ୍ୱାଧୀନତାର ଜୟ, ଚିର ଅଜିତ ।

**– ରାଜ କିଶୋର ନାୟକ**
ମୋ: ୯୩୩୭୮୧୧୩୮୩







## ରାଖୀ

ରାଖୀ ରାଖୀ ରାଖୀ
କିଏ ଆଣିଛି ଭଉଣୀ, ଯିଏ ସୁନାନାକୀ
ଭାଇ ହାତେ ବାନ୍ଧି ଦେବ
ଶରଧାରେ ଡାକି ।
ପକ୍ଷି, ପାର, ପାକି
ରକ୍ଷାବନ୍ଧନ' ପର୍ବକୁ, ରହିଥାନ୍ତି ଚାହିଁ
ଆଜି ପରା ସେ ପରବ
ନାହିଁ ଆଉ ବାକି ।
ଚକମକ୍ ଝଲମଲ୍, ସିଏ ମନଲାଖି
ଗୁହେଁ ଗୁଚ୍ଛ ଡୋରଟିଏ
ମମତାର ସାକ୍ଷୀ ।

**– ନୀଳମଣି ଚାନ୍ଦ**
ମୋ: ୯୫୮୩୨୦୨୩୫୭

## ଆସିଛି ରାଖୀ

ଇକିଲି ମିକିଲି ଟିକିଲି ଟିକି
ସୁନାନାକୀ ମୋ ଭଉଣୀ ନିକି
ସଜହେଇ ଆଜି ଚିକି ମିକି
ଆଣିଚି ହାତରେ ବାନ୍ଧିବି ରାଖୀ ।
ପତର ପିଠା ସବୁ ଚକୁଳି
ଗଢ଼ିଚି ମାଆ ଭଳିକି ଭଳି
ଆସିଚି ଆଜି ଗହ୍ମା ପୁନେଇ
ସଭିଙ୍କ ମନେ ହରଷ ଭାରି ।
ସଜେଇ ଫୁଲ ଦୀପର ଥାଳି
ମଥାରେ ଟୋପି ଚନ୍ଦନ ବୋଳି
ଖୁସି ମନରେ ପିନ୍ଧେଇ ଦେବ
ରାଖୀଟି ମୋତେ ଶରଧା ଢାଳି ।
ଝିଲିମିଲିଆ ରେଶମ ସୂତା
ସୂତାରେ ସେନେହ ଭରି ମମତା
ମନାସିବ ମୋର ଶୁଭ ଯେତକ
ସୁନା ଭଉଣୀ ମୋ ଜଗତ ଜିତା ।

**– ଭୁବନାନନ୍ଦ ପାଣିଗ୍ରାହୀ**
ଗୋଡ଼ିଆପଲ୍ଲୀ, ଖୋର୍ଦ୍ଧା,

## ନାଆଁଟି ମୋହର ରାଖୀ

ପୁଣ୍ୟ ସମ୍ପର୍କର ମୁଁ ଅଟେ ଆଧାର
ସେହ୍ନ ମମତାର ସାକ୍ଷୀ
ଏକ ସୂତ୍ରେ ବାନ୍ଧେ ଭାଇ ଭଉଣୀଙ୍କୁ
ନାଆଁଟି ମୋହର ରାଖୀ ।
ଦିଆନିଆ ଭାବ ଅଡ଼େଇ ଦିନିଆ
କହେ ସଦା ଏହି କଥା
ପ୍ରଭୁଙ୍କ ଶ୍ରୀହସ୍ତେ ବନ୍ଧା ହେଲା ପରେ
ନଇଁଯାଏ ମୋର ମଥା ।
ହୀରା, ନୀଳା, ମୋତି, ମାଣିକ ଠାରୁ ବି
ଅଟଇ ମୁଁ ମୂଲ୍ୟବାନ
ଭାଇର ଦକ୍ଷିଣ ହସ୍ତେ ଶୋଭାପାଇ
ରଖେ ଭଉଣୀର ମାନ ।
ଶ୍ରାବଣ ପୂର୍ଣ୍ଣିମା ଦିନ ମୋ ପରବ
ପାଳନ୍ତି ଶ୍ରଦ୍ଧାକୁ ଜନ
ବଳରାମଙ୍କର ଜନମ ଦିନରେ
ଖୁସିରେ ନାଚେ ମୋ ମନ ।

**– ଜୟନ୍ତ କୁମାର ମଲ୍ଲିକ୍**
ମୋ: ୯୪୩୭୮୬୫୬୨୭

# କେଉଁ କୁକୁଡ଼ା ଦିଏ ସବୁଜ ଅଣ୍ଡା



ପିଲାମାନେ , ତୁମେ ଜାଣିଛ ଯେ ଫାର୍ମ କୁକୁଡ଼ା ଅଣ୍ଡା ଧଳା ହୋଇଥିବା ବେଳେ ଦେଶୀ କୁକୁଡାର ଅଣ୍ଡା ଟିକେ ବ୍ରାଉନ୍ ରଙ୍ଗର ହୋଇଥାଏ। କିନ୍ତୁ ଏମିତି ଏକ ପ୍ରଜାତିର କୁକୁଡ଼ା ଅଛନ୍ତି ଯେଉଁମାନେ ସବୁଜ(ଗ୍ରୀନ୍) ଏବଂ ନୀଳ(ବ୍ଲୁ) ରଙ୍ଗର ଅଣ୍ଡା ଦେଇଥାନ୍ତି। ଏହି ପ୍ରଜାତିର କୁକୁଡ଼ାଙ୍କୁ 'ଅରୋକାନା' କୁହାଯାଏ। ଏଭଳି କୁକୁଡା ବିଶେଷ ଭାବରେ ଚିଲି ଏବଂ ଦକ୍ଷିଣ ଆମେରିକାରେ ଦେଖିବାକୁ ମିଳିଥାନ୍ତି। ଏହି କୁକୁଡ଼ାମାନେ ସାଧାରଣ କୁକୁଡ଼ା ପରି ଦେଖାଯାଇଥାନ୍ତି। କିନ୍ତୁ ଏମାନଙ୍କ କାନ ନିକଟରେ ପର ଦେଖିବାକୁ ମିଳିଥାଏ। ଏମାନଙ୍କର ପୁଚ୍ଛ ନ ଥାଏ। ଏହି କୁକୁଡା ଅରୋକାନା ଠାରେ ଦେଖାଯିବାରୁ ଏହି କୁକୁଡାର ନାମ ଅରୋକାନା ରଖାଯାଇଥିଲା। ସେମାନଙ୍କ ଶରୀରରେ 'ଓସିଆନା ' ନାମକ ତତ୍ୱ ଥିବାରୁ ତାଙ୍କ ଅଣ୍ଡା ସବୁଜ କିମ୍ବା ନୀଳ ରଙ୍ଗର ହୋଇଥାଏ। ଏହି କୁକୁଡାଙ୍କ ପରର ରଙ୍ଗ ଧଳା । ଏମାନେ ସପ୍ତାହ ମଧ୍ୟରେ ମାତ୍ର ୩ଟି ଅଣ୍ଡା ଦେଉଥିବା ବେଳେ ବର୍ଷକୁ ଅତିକମ୍‌ରେ ୧୫୦-୨୦୦ ଅଣ୍ଡା ଦେଇଥାନ୍ତି। ଏକ ଗବେଷଣାରୁ ଜଣାପଡିଛି ଏହି ଅଣ୍ଡା ବେଶୀ ପରିମାଣରେ ଖାଇଲେ କୋଲେଷ୍ଟରଲ ବଢ଼ିବାର ଆଶଙ୍କା ରହିଛି।

# କେଉଁଠି ଶସ୍ତା ଅଛି ସୁନା



ସୁନା ଏପରି ଏକ ଧାତୁ ଯାହାକୁ କିଣିବା ଲାଗି ସମସ୍ତେ ଚାହିଁଥାନ୍ତି। ଖାସ୍‌କରି ଆମ ଦେଶର ମହିଳାମାନେ ଏଥିରେ ନିର୍ମିତ ଅଳଙ୍କାର ପିନ୍ଧିବା ଲାଗି ବେଶି ପସନ୍ଦ କରିଥାନ୍ତି। ବିଶେଷଭାବରେ ବାହାଘର ସମୟରେ ସୁନାର ଚାହିଦା ଅଧିକ ରହିଥାଏ। ଏହାବ୍ୟତୀତ କେତେକ ପର୍ବପର୍ବାଣିରେ ସୁନା ପିନ୍ଧିବା ପରମ୍ପରା ରହିଛି। ଆଜିର ସମୟରେ ସୁନା ଦାମ୍ ଏତେ ହୋଇଗଲାଣି ଯେ ସାଧାରଣ ଲୋକ ସୁନା କିଣିବା ପ୍ରାୟ ସମ୍ଭବ ନୁହେଁ। କିନ୍ତୁ ଏପରି ଏକ ଦେଶ ଅଛି ଯେଉଁଠି ସୁନା ଶସ୍ତାରେ ମିଳିଥାଏ। ଏହି ଦେଶ ହେଉଛି ଭୁଟାନ୍। ଭୁଟାନ୍ ଯାଇ ଯେ କେହି ବି ସୁନା କିଣିପାରିବେ। କିନ୍ତୁ କିଣିବା ଲାଗି କିଛି ନିୟମ ରହିଛି। ଯାହାକୁ ମାନିବା ନିହାତି ଆବଶ୍ୟକ। ପ୍ରଥମ ନିୟମ ଆପଣଙ୍କୁ ଭୁଟାନ୍ ସରକାରଙ୍କ ଅଧୀନରେ ଥିବା କେତେକ ହୋଟେଲ୍‌ରେ ଅତି କମ୍‌ରେ ଗୋଟିଏ ରାତି ରହିବା ଆବଶ୍ୟକ। ଏଠାରେ ନ ରହିଲେ ଆପଣ ସୁନା କିଣି ପାରିବେ ନାହିଁ। ଯଦି ଆପଣ ଭୁଟାନରୁ ଭାରତକୁ ସୁନା କିଣି ଆଣିବାକୁ ଚାହୁଁଥାନ୍ତି ତେବେ ସରକାର ଏହାର ଲିମିଟ୍ ମଧ ରହିଛି । ଯେଉଁଥିରେ ଗୋଟିଏ ବ୍ୟକ୍ତି କେବଳ ୨୬ଗ୍ରାମ୍ ସୁନା କିଣିପାରିବେ। ଏହାଠାରୁ ଯଦି ଅଧିକ ସୁନା କିଣିବେ ତାକୁ ବେଆଇନ୍ ବୋଲି ଧରାଯିବ। ଧାର୍ଯ୍ୟ ହୋଇଥିବା ଗ୍ରାମ୍ ଠାରୁ ଯଦି ଅଧିକ ସୁନା କିଣୁଛନ୍ତି ତେବେ ଆପଣ ଜରିମନା ଦେବାକୁ ମଧ ପଡିପାରେ । ଏହା ସହିତ ଆଇନ୍ ଅନୁଯାୟୀ ଆପଣଙ୍କ ବିରୁଦ୍ଧରେ ମୋକଦ୍ଦମା ହୋଇପାରେ।

# ଭୂମିକମ୍ପ





*"ଭୂକମ୍ପନର ତୀବ୍ରତା (ଇଂଟେନ୍‌ସିଟି)କୁ ଯେଉଁ ସ୍କେଲ୍‌ରେ ପ୍ରକାଶ କରାଯାଏ, ତାହା ହେଉଛି ରିକ୍ଟର ସ୍କେଲ। ଏହାକୁ ୧୯୩୫ ମସିହାରେ ଆମେରିକୀୟ ଭୂତତ୍ତ୍ୱ ବିଜ୍ଞାନୀ ଚାର୍ଲସ୍ ଫ୍ରାନ୍ସିସ୍ ରିକ୍ଟର ପ୍ରଥମେ ତିଆରି କରିଥିଲେ। ପ୍ରାୟ ୨୦୦ ଟନ୍ ଟି.ଏନ୍.ଟି. ବିସ୍ଫୋରକରୁ ଯେତିକି କମ୍ପନ ଜାତ ହୁଏ, ରିକ୍ଟର ସ୍କେଲ୍‌ରେ ତାହା ୪.୯ ହେବ। ଏହି କମ୍ପନର ଭୂମିକମ୍ପକୁ ସାମାନ୍ୟ ଭୂମିକମ୍ପ କୁହାଯାଏ।"*

ଗତ ମାସ ୩୦ ତାରିଖ ବୁଧବାର ସକାଳ ସମୟ (ଭାରତୀୟ ସମୟ ୨୯ ଜୁଲାଇ ରାତି ୧୧ଟା ୨୪ ମିନିଟ୍)ରେ ରୁଷିଆର ପୂର୍ବ ଉପକୂଳରେ ଭୟଙ୍କର ଭୂମିକମ୍ପ ଅନୁଭୂତ ହୋଇଯାଇଛି। ରିକ୍ଟର ସ୍କେଲରେ ଏହି ଭୂମିକମ୍ପର ତୀବ୍ରତା ୮.୮ ଥିଲା । ଏ ପର୍ଯ୍ୟନ୍ତ ହୋଇଥିବା ସବୁଠାରୁ ୧୦ଟି ଭୟାନକ ଭୂମିକମ୍ପ ମଧ୍ୟରେ ଏହି ଭୂମିକମ୍ପ ସ୍ଥାନ ପାଇଛି।

ଏଗାର ବର୍ଷ ତଳେ ଓଡ଼ିଶାବାସୀ ମଧ ବଡ଼ ଭୂମିକମ୍ପ ଅନୁଭବ କରିସାରିଛନ୍ତି। ୨୦୧୪ ମେ ୨୧ ତାରିଖ ବୁଧବାର ରାତି ୯ଟା ୫୨ ମିନିଟ୍ ସମୟରେ ଭୂମିକମ୍ପ ପ୍ରଭାବରେ ଭାରତର ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାର ଭୂଇଁ କେଇ ସେକେଣ୍ଡ ପାଇଁ ଥରି ଉଠିଥିଲା । ଭୁବନେଶ୍ୱରଠାରୁ ୩୧୦ କି.ମି. ଦୂରରେ ବଙ୍ଗୋପସାଗର ଶଯ୍ୟାରେ ୧୦ କି.ମି. ତଳେ ପ୍ରାୟ ୪୦ ସେକେଣ୍ଡ ପାଇଁ ଏହି ଭୂକମ୍ପନ ସୃଷ୍ଟି ହୋଇଥିଲା । ଉତ୍ପତ୍ତିସ୍ଥଳ ନିକଟରେ ରିକ୍ଟର ସ୍କେଲରେ ଏହାର ତୀବ୍ରତା ସେତେ ଭୟଙ୍କର ନଥିଲେ ବି ୬ ଥିଲା । ଏହି କମ୍ପନ ଭାରତର ପୂର୍ବ ଫାଳକୁ ଦୋହଲାଇ ଦେଇଥିଲା। ଆମ ରାଜ୍ୟର ଲୋକମାନେ ଆଗରୁ କେବେ ଏପରି ଭୟାନକ କମ୍ପନର ସାମ୍ନା କରି ନ ଥିଲେ।

ପୃଥିବୀ ଉପରେ ଆମେ ବାସ କରୁ। ଏହାର ଆଭ୍ୟନ୍ତର ଗଠନକୁ ଦେଖିଲେ ଭୂକମ୍ପନ କିଛି ବିଚିତ୍ର ଘଟଣା ନୁହେଁ। ପୃଥିବୀପୃଷ୍ଠ ଉପରୁ ଦେଖିଲେ ଟାଣ ଓ ଶୀତଳ, କିନ୍ତୁ ପୃଥିବୀର ଭିତରଟା ଭୟଙ୍କର। ମାଟି ତଳେ ରହିଛି ମାଂଟେଲ୍ ସ୍ତର, ଯାହାକି ଅର୍ଦ୍ଧତରଳ ତଥା ଉତ୍ତପ୍ତ ଅବସ୍ଥାରେ ରହିଛି । ଅର୍ଥାତ୍ ଗରମ କାଦୁଅ ଉପରେ ଆମର ପତଳା ଭୂପୃଷ୍ଠ ଭାସମାନ ଅବସ୍ଥାରେ ରହିଛି। କେବଳ ସେତିକି ନୁହେଁ, ଆମର ଭୂପୃଷ୍ଠ ୬ଟି ବଡ଼ ବଡ଼ ଓ ୧୪ଟି ଛୋଟ ଛୋଟ ଖଣ୍ଡରେ ବିଭକ୍ତ । ସେହି ଖଣ୍ଡଗୁଡ଼ିକୁ ପ୍ଲେଟ୍ ବୋଲି କୁହାଯାଏ । ପ୍ଲେଟ୍‌ଗୁଡିକ ସ୍ଥିର ନଥାନ୍ତି। ସେମାନେ ଏପଟସେପଟ ଗତି କରନ୍ତି। ପ୍ଲେଟ୍‌ଗୁଡ଼ିକ ଧୀରେ ଧୀରେ ଗତି କରିବା ସମୟରେ ଗୋଟିଏ ପ୍ଲେଟ୍ ଆଉ ଗୋଟିଏ ପ୍ଲେଟ୍ ଉପରେ ଚଢ଼ିଯାଇପାରେ। କୌଣସି ପ୍ଲେଟ୍ ତଳକୁ ଦବି ଯାଇପାରେ। ଅଥବା ଦୁଇଟା ପ୍ଲେଟ୍ ପରସ୍ପର ସହିତ ବାଡ଼େଇପାରେ। ଏପରି ହେଲେ ସଙ୍ଘର୍ଷ ସ୍ଥାନରେ ତୀବ୍ର କମ୍ପନ ସୃଷ୍ଟି ହୁଏ । ଭୂପୃଷ୍ଠ ଉପରେ ଥିବା ଗଛଲତା, କୋଠାବାଡ଼ି ଓ ପାହାଡ଼ ପର୍ବତ ଥରିଯାଏ। ଏହାକୁ ଆମେ କହୁ ଭୂକମ୍ପନ ବା ଭୂମିକମ୍ପ। ଭୂମିକମ୍ପର ଗୁଣାତ୍ମକ ମୂଲ୍ୟକୁ ସାଇସ୍ମୋଗ୍ରାଫ୍ ଯନ୍ତ୍ର ଦ୍ୱାରା ମାପ କରାଯାଏ। ଭୂକମ୍ପନର ତୀବ୍ରତା (ଇଂଟେନ୍‌ସିଟି)କୁ ଯେଉଁ ସ୍କେଲରେ ପ୍ରକାଶ କରାଯାଏ, ତାହା ହେଉଛି ରିକ୍ଟର ସ୍କେଲ। ଏହାକୁ ୧୯୩୫ ମସିହାରେ ଆମେରିକୀୟ ଭୂତତ୍ତ୍ୱ ବିଜ୍ଞାନୀ ଚାର୍ଲସ୍ ଫ୍ରାନ୍ସିସ୍ ରିକ୍ଟର ପ୍ରଥମେ ତିଆରି କରିଥିଲେ। ପ୍ରାୟ ୨୦୦ ଟନ୍ ଟିଏନ୍‌ଟି ବିସ୍ଫୋରକରୁ ଯେତିକି କମ୍ପନ ଜାତ ହୁଏ, ରିକ୍ଟର ସ୍କେଲରେ ତାହାର ତୀବ୍ରତା ୪.୯ ହେବ । ଏହି କମ୍ପନର ଭୂମିକମ୍ପକୁ ସାମାନ୍ୟ ଭୂମିକମ୍ପ କୁହାଯାଏ । କମ୍ପନର ତୀବ୍ରତା ୮ ବା ଅଧିକ ଥିଲେ ତାହାକୁ ଅତି ଭୟଙ୍କର ଭୂମିକମ୍ପ ବୋଲି ଧରାଯାଏ ଏବଂ କମ୍ପନ ତୀବ୍ରତା ଉପରେ କ୍ଷୟକ୍ଷତିର ପରିମାଣ ନିର୍ଭର କରେ।

ଧନଜୀବନ ନଷ୍ଟ କରୁଥିବା ଆକସ୍ମିକ ଦୁର୍ଘଟଣାକୁ ବିପର୍ଯ୍ୟୟ କୁହାଯାଏ। ଏହା ପ୍ରାକୃତିକ ହୋଇପାରେ ବା କୃତ୍ରିମ। ବେଳେବେଳେ ମଣିଷ ଦ୍ୱାରା କରାଯାଇଥିବା କେତେକ କର୍ମ ପ୍ରାକୃତିକ ବିପର୍ଯ୍ୟୟକୁ ଆମନ୍ତ୍ରଣ କରେ। ପୃଥିବୀରେ ଅନୁଭୂତ ଏକାଧିକ ବିପର୍ଯ୍ୟୟ ମଧ୍ୟରୁ ଭୂମିକମ୍ପ ଅନ୍ୟତମ। ଆମେ ଭୂମିକମ୍ପକୁ ମଣିଷକୃତ ନ କହି ପ୍ରାକୃତିକ ବିପର୍ଯ୍ୟୟ କହିବା, କାରଣ ଏହା ପ୍ରକୃତି ଦ୍ୱାରା ନିୟନ୍ତ୍ରିତ। ଭୂମିକମ୍ପ ମାନଚିତ୍ର ଓ ଅନୁଭୂତ କମ୍ପନର ସଠିକ୍ ଅନୁଶୀଳନରୁ ମଧ ଆଗାମୀ କମ୍ପନର ସଠିକ୍ ସୂଚନା ଦେବା ସମ୍ଭବ ହୋଇନାହିଁ। ଏହା ଏମିତି ଏକ ବିପର୍ଯ୍ୟୟ, ଯାହାକୁ ଅଟକାଇ ହେବ ନାହିଁ। ଭୂମିକମ୍ପ କେଉଁ ସ୍ଥାନରେ ହେବ, କେତେବେଳେ ହେବ ଓ କେତେ କ୍ଷତି ହେବ, ସେକଥା ଆଜିବି ଠିକ୍ ଜାଣିହେଉ ନାହିଁ। କିନ୍ତୁ ଭୂମିକମ୍ପ ସଂପର୍କିତ କେତେକ ସତର୍କତା ଗ୍ରହଣ କରିବା ନିହାତି ଦରକାର। ଭୂମିକମ୍ପଜନିତ କ୍ଷୟକ୍ଷତିକୁ ରୋକିବା ପାଇଁ ଉପଯୁକ୍ତ ପରିଚାଳନା ସାଙ୍ଗକୁ ଆବଶ୍ୟକ ନିୟନ୍ତ୍ରଣ ଓ ଉପଶମ ବ୍ୟବସ୍ଥା ଦରକାର। ଫଳରେ ଅନେକ ଧନ ଜୀବନକୁ ରକ୍ଷା କରିହେବ। ପରିବେଶ ଉପରେ ମଧ ଏହାର କୁପ୍ରଭାବ ପଡ଼ିଥାଏ। ତେଣୁ ଏହାର ପରିଚାଳନା ପୂର୍ବକ ନିୟନ୍ତ୍ରଣ ଓ ପ୍ରଶମନ ନିହାତି ଜରୁରୀ।

**– ତୁଷ୍ମିତା ଜେନା, ଗବେଷକ (ପଦାର୍ଥ ବିଜ୍ଞାନ), କିଟ୍ ବିଶ୍ୱବିଦ୍ୟାଳୟ, ପଟିଆ, ଭୁବନେଶ୍ୱର**

# ଆଇନା



ଉଦିତ କୁମାର ନନ୍ଦ
୪ ବର୍ଷ/ସୁବର୍ଣ୍ଣପୁର



ଭିନୀତ ପୃଷ୍ଟି
୧୦ ବର୍ଷ/ଯାଜପୁର